# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**31 August – 2025**

**News Editor : Tapan Kumar Moharana**

****************************************

## ମୁଖ୍ୟ ସମ୍ବାଦ

- ‘ଏକ ଭାରତ-ଶ୍ରେଷ୍ଠ ଭାରତ’ ମନ୍ତ୍ର ସହିତ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ, କହିଲେ ପ୍ରଧାନମନ୍ତ୍ରୀ

— ଆକାଶବାଣୀର ୧୨୫ତମ ମନ୍ କୀ ବାତ୍ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧନ କରି କହିଲେ, ଭାରତୀୟ ସଂସ୍କୃତି ଓ ରାମାୟଣ ପ୍ରତି ଶ୍ରଦ୍ଧା ବିଶ୍ୱରେ ଆଦୃତ

- ସ୍ୱାୟତ୍ତ ଶାସନ ଦିବସ ଅବସରରେ ୧୬ଟି ନୂଆ ଏନ୍ଏସି ଏବଂ ୭ଟି ନୂଆ ମ୍ୟୁନିସିପାଲଟି ଗଠନ ନେଇ ଘୋଷଣା କଲେ ରାଜ୍ୟ ସରକାର

- ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ କଟକଠାରେ ଚାଲିଛି ଏସ୍ଆଇଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଏବଂ

- ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଉଛି ରାଧାଷ୍ଟମୀ ନୀତି

# ମନ୍ କୀ ବାତ୍

'ଏକ ଭାରତ, ଶ୍ରେଷ୍ଠ ଭାରତ' ମନ୍ତ୍ରରେ ଏକହୋଇ ଦେଶବାସୀଙ୍କୁ ଆଗେଇବାକୁ ହେବ। ଏହି କ୍ଷେତ୍ରରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆକାଶବାଣୀର ୧୨୫ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଶ୍ରୀନଗରର ଡାଲ୍ ହ୍ରଦରେ ୮୦୦ ଖେଳାଳିଙ୍କୁ ନେଇ ପ୍ରଥମଥର 'ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ' ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କ୍ରୀଡ଼ା ମହୋତ୍ସବରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ଜିତିଥିବା ଓଡ଼ିଶାର ଖେଳାଳୀ ରଶ୍ମିତା ସାହୁଙ୍କ ସହ ପ୍ରଧାନମନ୍ତ୍ରୀ ଫୋନ୍ ଯୋଗେ କଥା ହୋଇଥିଲେ। ରଶ୍ମିତା ଯୁବବର୍ଗଙ୍କ ପାଇଁ ଏକ ପ୍ରେରଣା ବୋଲି ଶ୍ରୀ ମୋଦୀ କହିଛନ୍ତି। ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବା ସହ ଖେଳରେ ଦେଶର ନାମ ଉଜ୍ଜ୍ୱଳ କରିଥିବାରୁ ପ୍ରଧାନମନ୍ତ୍ରୀ ରଶ୍ମିତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**- V/O -(PM)**

ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ ପରେ ନିଜର ଖୁସି ବ୍ୟକ୍ତ କରି ରଶ୍ମିତା ଆକାଶବାଣୀକୁ କହିଛନ୍ତି....

**- V/O -(Rasmita)**

ତାଙ୍କର ସମ୍ବୋଧନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଆତ୍ମନିର୍ଭର ଭାରତ ପଥରେ ବିକଶିତ ଦେଶ ଗଠନ ଲକ୍ଷ୍ୟ ନେଇ ଭାରତକୁ 'ଭୋକାଲ୍ ଫର ଲୋକାଲ୍' ମନ୍ତ୍ର ସହିତ ଆଗକୁ ବଢ଼ିବାକୁ ହେବ। ଆଗାମୀ ପାର୍ବଣ ଋତୁରେ ଭାରତରେ ପ୍ରସ୍ତୁତ ଉପହାର, ଭାରତରେ ବୁଣା ହୋଇଥିବା ବସ୍ତ୍ର ଏବଂ ଜୀବନର ପ୍ରତ୍ୟେକ ଆବଶ୍ୟକତା ସ୍ୱଦେଶୀ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

**– V/O – 1. (Vocal for Local)**

ଚଳିତ ମୌସୁମୀ ଋତୁରେ ଦେଖାଦେଇଥିବା ପ୍ରାକୃତିକ ବିପର୍ଯ୍ୟୟ ଦେଶ ପାଇଁ ସମସ୍ୟା ସୃଷ୍ଟି କରିଛି। ଗତ କିଛି ସପ୍ତାହ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ବନ୍ୟା ଓ ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ କହିଛନ୍ତି, ଆମର ଯବାନମାନେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରି ରିଲିଫ ଓ ଥଇଥାନ କାର୍ଯ୍ୟ କରୁଛନ୍ତି। ଏହି ପରୀକ୍ଷା ସମୟରେ ମାନବୀୟ ଗୁଣାବଳୀ ପ୍ରଦର୍ଶନ କରିଥିବା ସମସ୍ତଙ୍କ ପ୍ରତି ପ୍ରଧାନମନ୍ତ୍ରୀ କୃତଜ୍ଞତା ଜ୍ଞାପନ କରିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ଲୋକସେବା ଆୟୋଗ- ୟୁପିଏସ୍‌ସି ପରୀକ୍ଷାର ବିଭିନ୍ନ ପର୍ଯ୍ୟାୟରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ମେଧା ତାଲିକାରେ ସ୍ଥାନ ପାଇନଥିବା ଛାତ୍ରଛାତ୍ରୀମାନେ ଡିଜିଟାଲ ପ୍ଲାଟଫର୍ମ 'ପ୍ରତିଭା ସେତୁ'ର ସୁବିଧା ନେଇପାରିବେ।

ଶ୍ରୀ ମୋଦୀ କହିଛନ୍ତି, ଏହି ପୋର୍ଟାଲ ଜରିଆରେ ଶତାଧିକ ପ୍ରାର୍ଥୀ ଉପଯୁକ୍ତ ନିଯୁକ୍ତି ପାଇପାରିଛନ୍ତି ଏବଂ ଏହା ଆଗକୁ ବଢ଼ିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ଭାରତରେ ନିୟମିତ ଭାବେ ଫୁଟବଲ୍ ଖେଳର ଲୋକପ୍ରିୟତା ବଢୁଥିବାରୁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି। ମଧ୍ୟପ୍ରଦେଶର ସାହଦଲ୍ ସହରରେ ଆରମ୍ଭ ହୋଇଥିବା କ୍ରୀଡ଼ାବିପ୍ଳବକୁ ଦେଖିବା ପାଇଁ ଯିବାକୁ ଫୁଟବଲପ୍ରେମୀମାନଙ୍କୁ ଆହ୍ୱାନ କରିଛନ୍ତି।

ବିଶ୍ୱର ପ୍ରତ୍ୟେକ କୋଣ ଅନୁକୋଣରେ ଏବେ ଭାରତୀୟ ସଂସ୍କୃତି ଓ ରାମାୟଣ ପ୍ରତି ଶ୍ରଦ୍ଧା ଦେଖାଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଋଷିଆର ଭ୍ଲାଡିବୋଷ୍ଟକ ସହରରେ ଆୟୋଜିତ ଏକ ପ୍ରଦର୍ଶନୀରେ ଋଷୀୟ ପିଲାମାନଙ୍କ ଦ୍ୱାରା ରାମାୟଣ ଶୀର୍ଷକ ଅନେକଗୁଡ଼ିଏ ଚିତ୍ରାଙ୍କନ ପ୍ରଦର୍ଶିତ ହୋଇଥିଲା।

ଶ୍ରୀ ମୋଦୀ ଆସନ୍ତା ୧୫ ତାରିଖରେ ପାଳିତ ହେବାକୁ ଥିବା 'ଇଞ୍ଜିନିୟର୍ସ ଡେ' ଏବଂ ୧୭ ତାରିଖରେ 'ବିଶ୍ୱକର୍ମା ପୂଜା' ପାଇଁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦେଶରେ ବିଶ୍ୱକର୍ମା ଶିଳ୍ପୀଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ସରକାର ବିଶ୍ୱକର୍ମା ଯୋଜନା କାର୍ଯ୍ୟକାରୀ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶିଶୁବିହାରରେ ସ୍ଥାନୀୟ ଲୋକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ୧୨୫ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ଶୁଣିଛନ୍ତି।

## ସ୍ୱାୟତ୍ତ ଶାସନ ଦିବସ

ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଜନସାଧାରଣଙ୍କୁ କ୍ଷମତା ପ୍ରଦାନ କରିବା ନେଇ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି । ଶାସନ ବ୍ୟବସ୍ଥାରେ ଗୋଟିଏ ଦେଶରେ କେନ୍ଦ୍ର ସରକାର ଏବଂ ରାଜ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ। ତୃତୀୟଟି ହେଲା ସ୍ୱାୟତ୍ତ ଶାସନ ବ୍ୟବସ୍ଥା । ୧୯୯୨ ମସିହାରେ ପଞ୍ଚାୟତରାଜ ବ୍ୟବସ୍ଥା ଦ୍ୱାରା ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଆରମ୍ଭ ହୋଇଥିଲା। ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଲୋକମାନଙ୍କର କ୍ଷମତା ଓ ଅଧିକାର ସମ୍ବନ୍ଧରେ ସଚେତନ କରାଇବା ନେଇ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ରେଳବାଇ ଅଡିଟୋରିୟମ୍‌ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଜାତୀୟ ଏକକ ଗମନାଗମନ କାର୍ଡର ଲୋକାର୍ପଣ ସହ ଆମ ବସ୍ ପାଇଁ ହ୍ୱାଟସ୍‌ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ ସେବା ଏବଂ ଡିଜିଟାଲ ଟିକେଟ୍ କ୍ରେତାଙ୍କୁ ରିହାତି ପ୍ରଦାନ ସୁବିଧାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ନୂଆ ୧୬ଟି ଏନ୍‌ଏସି ଓ ୭ଟି ସହରକୁ ମ୍ୟୁନିସିପାଲଟି ଭାବେ ଘୋଷଣା କରିଛନ୍ତି। ସହରଗୁଡ଼ିକ ହେଲା- କରଞ୍ଜିଆ, ବୋଷ, ଆସିକା, ଛତ୍ରପୁର, ଭଞ୍ଜନଗର, କବିସୂର୍ଯ୍ୟନଗର, ପୋଲସରା।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ସହରାଞ୍ଚଳର ଆର୍ଥିକ ଅନଗ୍ରସର ଲୋକଙ୍କୁ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟରେ ୧୧୫ଟି ପୌରାଂଚଳ ସହଯୋଗ କାର୍ଯ୍ୟକ୍ରମକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ନାଗରିକମାନଙ୍କୁ ସଶକ୍ତ, ଦ୍ରୁତ ଏବଂ କ୍ରିୟାଶୀଳ ସେବା ପ୍ରଦାନ ନିଶ୍ଚିତ କରିବା ପାଇଁ ସହର ସାଥୀ ସୁବିଧା ଆରମ୍ଭ କରାଯାଇଛି।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୦ ଟନ୍ ବିଶିଷ୍ଟ ବର୍ଜ୍ୟ ପରିଚାଳନା ପ୍ଲାଣ୍ଟ, ୧୫୦ ଟନ୍ ସାମଗ୍ରୀ ପୁନରୁଦ୍ଧାର ସୁବିଧା କେନ୍ଦ୍ର ଏବଂ ହ୍ୱାଟ୍ସଆପ୍ ଚାର୍ଟବୋଟ ସେବା ଆଦି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି।

**ଭଦ୍ରକ** ଜିଲ୍ଲା ଧାମନଗର ବିଜ୍ଞପିତ ଅଂଚଳ ପରିଷଦ ଏବଂ ଭଦ୍ରକ ପୌରପାଳିକାଠାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୩ଟି ବସ୍‌ର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ବିଧାୟକ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି।

## ଏସ୍ଆଇଟି ବୈଠକ

**କଟକ**ରେ ଜଷ୍ଟିସ୍ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ଏସ୍ଆଇଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ବୈଠକରେ ବେଆଇନ୍ ଅର୍ଥ କାରବାର ଓ କଳାଧନ ସମ୍ପର୍କରେ ଆଲୋଚନା କରାଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। କ୍ରାଇମ୍‌ବ୍ରାଞ୍ଚ ଆଇଜି, ଭିଜିଲାନ୍ସ ଆରକ୍ଷୀ ଅଧିକ୍ଷକ, ଇଡି ଉପନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଅଛନ୍ତି।

## କ୍ରୀଡାଦିବସ

ଜାତୀୟ କ୍ରୀଡାଦିବସ ପାଳନ ଅବସରରେ **ଢେଙ୍କାନାଳ**ରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବାଜିଚୌକ ଛକଠାରୁ ମହିଷାପାଟ ପର୍ଯ୍ୟନ୍ତ ସାଇକେଲ ରାଲିରେ ଛାତ୍ରଛାତ୍ରୀଙ୍କ ସହିତ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**କେନ୍ଦ୍ରାପଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅବସରରେ ଏକ ସାଇକେଲ ସଚେତନତା ଶୋଭାଯାତ୍ରା ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

## ସମୀକ୍ଷା ବୈଠକ

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ଏବଂ ସଦସ୍ୟମାନେ **ଯାଜପୁର** ଜିଲ୍ଲା ଗସ୍ତ କରିବା ସହ ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାର ଦାନଗଦୀ ସ୍ଥିତ ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନ **ଅନ୍ନପୂର୍ଣ୍ଣା**

ଶିଶୁଗୃହ ପରିଦର୍ଶନ କରିବା ସହ  ଙ୍ଗସାଇଲୋଠାରେ ଟାଟାଷ୍ଟିଲ ଫାଉଣ୍ଡେସନ୍‌ର ସାଥିୟା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ବାଲ୍ୟବିବାହ ପ୍ରଥା ରୋକିବାରେ ସହଯୋଗ କରୁଥିବା ଯୁବ ସ୍ୱେଚ୍ଛାସେବୀମାନଙ୍କୁ ସମ୍ମାନୀତ କରିଥିଲେ। ପରେ ଆୟୋଗର ସଦସ୍ୟମାନେ ନଗଡ଼ାସ୍ଥିତ ଆମ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ଶ୍ରୀମତୀ ପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକରେ ନଗଡ଼ାର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ।

## ରାଧାଷ୍ଟମୀ

**ପୁରୀ** ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ  ରାଧାଷ୍ଟମୀ ନୀତି ପାଳନ କରାଯାଉଛି। ଏ ନେଇ ସ୍ୱତନ୍ତ୍ର ନୀତି ଅବସରରେ ଚକ୍ରରାଜ ସୁଦର୍ଶନଙ୍କ ଚଳନ୍ତି ପ୍ରତିମା ନଗର ପରିକ୍ରମା କରିବ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଦଇତାପତିମାନେ ସୁଦର୍ଶନଙ୍କୁ ପହଣ୍ଡି କରି ଆଣି ଜଗମୋହନ ଚଉଦୋଳରେ ବିଜେ କରାଇବେ। ଗଉଡ଼ବାଡ ସାହିର ଜମ୍ବେଶ୍ୱର ମହାଦେବ ମନ୍ଦିରକୁ ବିଜେ କରିବା ସହ ସେଠାରେ ଶୀତଳଭୋଗ ଓ ପ୍ରସାଦ ଲାଗି ନୀତି ଅନୁଷ୍ଠିତ ହେବ। ପରେ ଜମ୍ବେଶ୍ୱରଙ୍କ ପକ୍ଷରୁ ଜଣେ ପୂଜାପଣ୍ଡା ସାମନ୍ତ ଶ୍ରୀମନ୍ଦିରର ବାର୍ଷିକ ଆୟବ୍ୟୟ ହିସାବ ସୁଦର୍ଶନଙ୍କ ସମ୍ମୁଖରେ ପଢ଼ି ନୀତି ସମ୍ପୂର୍ଣ୍ଣ କରିବେ।